# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 29 September – 2026

************************************

## ମୁଖ୍ୟ ସମ୍ବାଦ

- ଏକକ ବାତାୟନ ବୈଠକରେ ୩ ହଜାର ୨୮୦ କୋଟି ୫୮ ଲକ୍ଷ ଟଙ୍କାର ନିବେଶ ସହିତ ୧୯ଟି  ଶିଳ୍ପ ପ୍ରକଳ୍ପ ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ମଞ୍ଜୁରି
- ସୁପୋଷିତ ଓଡ଼ିଶା ଗଠନ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ; କହିଲେ ମୁଖ୍ୟମନ୍ତ୍ରୀ
- ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସୁବିଧାକୁ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଁଞ୍ଚାଇବା ପାଇଁ ଆସନ୍ତା  ଗୁରୁବାରରୁ ରାଜ୍ୟରେ ଆରମ୍ଭ ହେବ ସେବା ସେତୁ ଅଭିଯାନ

ଏବଂ

- ଏସୀୟ କ୍ରୀଡ଼ା ପ୍ରତିଯୋଗିତାର ୪୦୦ ମିଟର ମହିଳା ରିଲେରେ ଭାରତକୁ ସ୍ୱର୍ଣ୍ଣପଦକ

## ସିଙ୍ଗିଲ୍ ୱିଣ୍ଡୋ

ରାଜ୍ୟ ସରକାର ୩ ହଜାର ୨୮୦ କୋଟି ୫୮ ଲକ୍ଷ ଟଙ୍କାର ନିବେଶ ସହିତ ୧୯ଟି ଶିଳ୍ପ ପ୍ରକଳ୍ପ ପ୍ରସ୍ତାବକୁ ମଞ୍ଜୁରି ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଅନୁଷ୍ଠିତ ୧୫୦ତମ ଏକକ ବାତାୟନ ବୈଠକରେ ଏହି ପ୍ରକଳ୍ପଗୁଡ଼ିକୁ ଅନୁମୋଦନ ମିଳିଛି। ଏହା ମାଧ୍ୟମରେ ୧୦ ହଜାର ୬୬୧ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ପ୍ରକଳ୍ପଗୁଡ଼ିକ ଅନୁଗୁଳ, ଦେବଗଡ଼, ଗଞ୍ଜାମ, ଜଗତସିଂହପୁର, ଝାରସୁଗୁଡ଼ା, କଟକ, ଖୋର୍ଦ୍ଧା, ପୁରୀ ଓ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରତିଷ୍ଠା ହେବ। ସ୍ଥାନୀୟ ସମ୍ବଳର ମୂଲ୍ୟବୃଦ୍ଧି, ଯୋଗାଣ ଶୃଙ୍ଖଳକୁ ମଜଭୁତ କରିବା ଓ ଦୀର୍ଘସ୍ଥାୟୀ ଆର୍ଥିକ ସୁଯୋଗ ସୃଷ୍ଟି କରୁଥିବା ନିବେଶକୁ ସରକାର ପ୍ରୋତ୍ସାହନ ଦେଉଛନ୍ତି ବୋଲି ଶ୍ରୀମତୀ ଗର୍ଗ କହିଛନ୍ତି। ଏହି ବ୍ୟବସ୍ଥା ମାଧ୍ୟମରେ ସରକାର ନିବେଶକମାନଙ୍କୁ ବିଭିନ୍ନ ଅନୁମୋଦନ ସମନ୍ୱିତଭାବେ ପ୍ରଦାନ କରିବା ସହ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପର୍ଯ୍ୟନ୍ତ ସହଯୋଗ ପ୍ରଦାନ କରିବେ। ଏହାଦ୍ୱାରା ନିଯୁକ୍ତି ସୃଷ୍ଟି, ଶିଳ୍ପ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ରାଜ୍ୟର ଦୀର୍ଘସ୍ଥାୟୀ ଆର୍ଥିକ ବିକାଶକୁ ସକ୍ଷମ କରିବା ଦିଗରେ ଏହା ଫଳପ୍ରଦ ହେବ।

HS

## ପ୍ରଗତି-୫୦

କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ– ଅର୍ବାନ୍ ୨.୦ ଅଧୀନରେ ଆରମ୍ଭ ହୋଇଥିବା ପ୍ରଗତି-୫୦କୁ କେନ୍ଦ୍ର ଗୃହ ଓ ନଗର ବ୍ୟାପାର ମନ୍ତ୍ରୀ ମନହୋର ଲାଲ ଖଟ୍ଟର ଆଜି ଆଭାସୀ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଓଡ଼ିଶାରେ ବର୍ଜ୍ୟରୁ ସମ୍ପଦ ସୃଷ୍ଟି ଦିଗରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଖଟ୍ଟରଙ୍କୁ ଅବଗତ କରାଇଥିଲେ। ଏଥିସହ ଭୁବନେଶ୍ୱର, କଟକ ଓ ପୁରୀରେ କମ୍ପ୍ରେସ ବାୟୋଗ୍ୟାସ ପ୍ଲାଣ୍ଟ ପ୍ରତିଷ୍ଠା, ବର୍ଜ୍ୟରୁ ଚାର୍କୋଲ ପ୍ରସ୍ତୁତି ପାଇଁ ପଦକ୍ଷେପ ନିଆଯାଉଛି ବୋଲି କେନ୍ଦ୍ରମନ୍ତ୍ରୀଙ୍କୁ ଶ୍ରୀ ମହାପାତ୍ର କହିଛନ୍ତି। ପ୍ରଗତି ୫୦କୁ ରାଜ୍ୟରେ ସଫଳତାର ସହ କାର୍ଯ୍ୟକାରୀ କରାଇବା ପାଇଁ ମନ୍ତ୍ରଣାଳୟ, ସମ୍ପୃକ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବ। ଏଥିପାଇଁ ନିର୍ଦ୍ଧାରିତ ମାର୍ଗଦର୍ଶିକା ଓ ମାନକ କାର୍ଯ୍ୟ ପଦ୍ଧତି ଅନୁଯାୟୀ ବିଭିନ୍ନ ପଦକ୍ଷେପ ନିଆଯିବ। ଦେଶର ୨୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୦ଟି ସହର ମଧ୍ୟରୁ ଓଡ଼ିଶାର ଭୁବନେଶ୍ୱର ଓ ପୁରୀକୁ ଚୟନ କରାଯାଇଛି।

BBSR/R

## ଅଙ୍ଗନ କା ଉତ୍ସବ

ସୁପୋଷିତ ଓଡ଼ିଶା ଗଠନ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ 'ଅଙ୍ଗନ୍ କା ଉତ୍ସବ' ଓ ନବମ ରାଷ୍ଟ୍ରୀୟ ପୋଷଣ ମାସ-୨୦୨୬ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ ଦିଗରେ ଅଙ୍ଗନବାଡ଼ି ଓ ଆଶାକର୍ମୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପୋଷଣ ମାସ ପାଳନ ଅବସରରେ ରାଜ୍ୟବ୍ୟାପୀ ୪୬ ଲକ୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଆଧାର

ଯାଞ୍ଚ କ୍ଷେତ୍ରରେ ରାଜ୍ୟ ସମଗ୍ର ଦେଶରେ ପ୍ରଥମ ସ୍ଥାନ ହାସଲ କରିଛି । ଏକ ସୁସ୍ଥ, ସୁନ୍ଦର ଓ ବିକଶିତ ଓଡ଼ିଶା ଗଠନ ପାଇଁ ସମସ୍ତଙ୍କୁ ସହଯୋଗର ହାତ ବଢ଼ାଇବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ମହିଳା ସଶକ୍ତୀକରଣ ପାଇଁ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସୁଭଦ୍ରା ଯୋଜନା, ଲକ୍ଷପତି ଦିଦି, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଓ ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ସମ୍ପର୍କରେ ମଧ୍ୟ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଥିଲେ ।

Desk

## ସ୍ୱଚ୍ଛତା ଅଭିଯାନ

କେନ୍ଦ୍ର ସରକାର ଆସନ୍ତା ୨ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ଓ ସରକାରୀ ବକେୟା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବେ । ଏହି ଅଭିଯାନର ଲକ୍ଷ୍ୟ ହେଉଛି ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ସ୍ୱଚ୍ଛତା ଅଭ୍ୟାସକୁ ସଂସ୍ଥାଗତ କରିବା ଏବଂ ବକେୟା ଥିବା ପ୍ରସଙ୍ଗଗୁଡ଼ିକର ସମାଧାନ ସମୟସୀମା ମଧ୍ୟରେ ଶେଷ କରିବା । ଏଥିସହ ବିଭିନ୍ନ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ସୃଷ୍ଟି ହେଉଥିବା ଇ-ବର୍ଜ୍ୟବସ୍ତୁର ବୈଜ୍ଞାନିକ ନିଷ୍କାସନ ଉପରେ ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ଅଭିଯାନର ଲକ୍ଷ୍ୟ ।

Desk

## ସେବା ସେତୁ ଅଭିଯାନ

ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ସୁବିଧାକୁ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ସହଜ, ସରଳ ଓ ତ୍ୱରିତ ଭାବେ ପହଁଞ୍ଚାଇବା ଲକ୍ଷ୍ୟରେ ଆସନ୍ତା ପହିଲା ଗୁରୁବାରରୁ ୧୦ ତାରିଖ ପର୍ଯ୍ୟନ୍ତ

ରାଜ୍ୟରେ ସେବା ସେତୁ ଅଭିଯାନ ଆୟୋଜିତ ହେବ। ଏହା ମାଧ୍ୟମରେ ଯୋଗ୍ୟ ନାଗରିକମାନେ ଗୋଟିଏ ସ୍ଥାନରେ ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରୀ ଯୋଜନା ଏବଂ ସେବା ସମ୍ପର୍କରେ ସବିଶେଷ ସୂଚନା ପାଇପାରିବେ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି। ଏଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। 'ନାଗରିକରୁ ହିତାଧିକାରୀ ଗୋଟିଏ ସ୍ଥାନରେ ସମସ୍ତ ସେବା' ଲକ୍ଷ୍ୟ ନେଇ ଆୟୋଜିତ ସେବା ସେତୁ ଅଭିଯାନରେ ଯୋଗ୍ୟ ନାଗରିକଙ୍କୁ ଚିହ୍ନଟ କରି ସେମାନଙ୍କୁ ସମ୍ପୃକ୍ତ ସରକାରୀ ଯୋଜନା ସହ ଯୋଡ଼ିବା ଉପରେ ଗୁରୁତ୍ୱ ଦିଆଯିବ। ଏହି ଅଭିଯାନ ଅଧୀନରେ ବ୍ଲକସ୍ତରରେ ସେବା ସେତୁ ଶିବିର ଆୟୋଜନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

Malkangiri

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ମାଲକାନଗିରି ଜିଲ୍ଲାରୁ ମୋଟ ୭୫ ଜଣ ତୀର୍ଥଯାତ୍ରୀ ଅଯୋଧ୍ୟା ଓ ବାରଣାସୀ ଗସ୍ତ କରିଛନ୍ତି। ସମସ୍ତ ତୀର୍ଥଯାତ୍ରୀ ମାଲକାନଗିରିରୁ ସ୍ୱତନ୍ତ୍ର ରେଳଗାଡ଼ିରେ ଯାତ୍ରା ଆରମ୍ଭ କରିଛନ୍ତି।

Ganjam

## ପ୍ରଶିକ୍ଷଣ ଶିବିର

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ଅଧୀନରେ ଶିଶୁ ସୁରକ୍ଷା ବିକାଶ ସମ୍ପର୍କିତ

ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ଶିଶୁର ସୁରକ୍ଷା, ଶିକ୍ଷା ଓ ସାମଗ୍ରୀକ ବିକାଶ ସୁନିଶ୍ଚିତ ହେଲେ ବିକଶିତ ଓଡ଼ିଶାର ଲକ୍ଷ୍ୟ ସାକାର ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

Nayagada (2)

## ସ୍ୱାସ୍ଥ୍ୟ ପରୀକ୍ଷା/ ବର୍ଜ୍ୟବସ୍ତୁ

ନୟାଗଡ଼ ପୌରପରିଷଦ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ମେଗା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୪୨ ଜଣ ସଫେଇ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ଯୋଗଦେଇ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ।

ସେହିପରି ଦଶପଲ୍ଲା ଏନ୍.ଏ.ସି. ପକ୍ଷରୁ ୪ ପ୍ରକାର ବର୍ଜ୍ୟବସ୍ତୁ ପୃଥକୀକରଣ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଘରୁ ବର୍ଜ୍ୟବସ୍ତୁ ସଂଗ୍ରହ କରିବା ସମୟରେ ଓଦା, ଶୁଖିଲା, ବିପଦଜନକ ବର୍ଜ୍ୟକୁ ଅଲଗା ଅଲଗା କରିବା ପାଇଁ ସଫେଇ କର୍ମଚାରୀ ଓ ନାଗରିକମାନଙ୍କୁ ପରାମର୍ଶ ଦିଆଯାଇଛି।

Puri

## ବନକଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଆଶ୍ୱିନ କୃଷ୍ଣ ଚତୁର୍ଥୀ ତିଥିରେ ଶ୍ରୀଜୀଉମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବାପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ନୀତି ଅନୁଷ୍ଠିତ ହେବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ଦତ୍ତ ମହାପାତ୍ର ସେବକ ଏହି ନୀତି ସମ୍ପାଦନ କରିବେ। ଏହା ଏକ

ଗୁପ୍ତନୀତି ହୋଇଥିବାରୁ ପ୍ରାୟ ୪ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ।

Subarnpur

## ସାହାଣୀ କପ

ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମ୍‌ଠାରେ ଚାଲିଥିବା ୬୫ତମ ସାହାଣୀ କପ ଫୁଟବଲ ଲିଗ୍‌ର ଷଷ୍ଠ ଦିବସର ପ୍ରଥମ ମ୍ୟାଚ୍‌ରେ କଟକ ଦଳ ନୟାଗଡ଼କୁ ୭-୦ ଗୋଲ୍‌ରେ ପରାସ୍ତ କରିଛି । ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଖୋର୍ଦ୍ଧା' ଗଞ୍ଜାମକୁ ୪-୦ ଗୋଲ୍‌ରେ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି ।

Desk

# ଏସିଆନ୍ ଗେମ୍‌ସ

ଜାପାନରେ ଚାଲିଥିବା ଦ୍ୱାଦଶ ଏସୀୟ କ୍ରୀଡ଼ାରେ ୪ ଗୁଣନ ୪୦୦ ମହିଳା ରିଲେରେ ଭାରତ ସ୍ୱର୍ଣ୍ଣପଦକ ହାସଲ କରିଛି । ବିଦ୍ୟାରାମରାଜ, କିରଣ, ପ୍ରାଚୀ ଓ ଏମ୍.ଆର.ପୋଭାମ୍ମା  ୩ ମିନିଟ୍ ୨୯ ଦଶମିକ ୬/୯ ସେକେଣ୍ଡରେ ଦୌଡ଼କୁ ଶେଷ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ମିକ୍ସଡ୍ ରିଲେରେ ଗୁରିନ୍ଦର ବୀର୍, ଅଭିନୟା, ଅନିମେଷ ଓ ହରିତା କାଂସ୍ୟ ପଦକ ଜିତିଛନ୍ତି । ମହିଳା ହାଇଜମ୍ପରେ ପୂଜା ସିଂ ମଧ୍ୟ କାଂସ୍ୟ ପଦକ ହାସଲ କରିଛନ୍ତି । ପୁରୁଷ ୫ ହଜାର ମିଟର ଦୌଡ଼ରେ ଗୁଲବୀର ସିଂହ ବ୍ରୋଞ୍ଜ ପଦକ ପାଇଛନ୍ତି । ପୂର୍ବରୁ ଗୁଲବୀର ୧୦ ହଜାର ମିଟର ଏବଂ ୧୫ ଶହ ମିଟର ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ । ପ୍ରଥମ

ଆଥଲେଟ୍‌ଭାବେ ସେ ଗୋଟିଏ ଏସିଆନ୍ ଗେମ୍ସରେ ତିନୋଟି ପଦକ ଜିତିଛନ୍ତି।

Desk

# ବର୍ଷା-ବନ୍ୟା

ଉତ୍ତର ଆଣ୍ଡାମାନ ସାଗର ଓ ସଂଲଗ୍ନ ମ୍ୟାଁମାର ଉପକୂଳରେ ଥିବା ଅବପାତ ଗଭୀର ଅବପାତରେ ପରିଣତ ହୋଇଛି । ସେହିପରି ଉତ୍ତର-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ ମଧ୍ୟ ବଙ୍ଗୋପସାଗର ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୧୪ଟି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ଅକ୍ଟୋବର ୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର କେତେକ ସ୍ଥାନରେ ମଧ୍ୟମଧରଣର ବର୍ଷା ହେବା ନେଇ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି।

Kendrapada

## ବନ୍ୟା

କେନ୍ଦ୍ରାପଡ଼ା ଜିଲ୍ଲାର ମଧ୍ୟ ଦେଇ ଯାଇଥିବା ମହାନଦୀର ବିଭିନ୍ନ ଶାଖାନଦୀରେ ବନ୍ୟା ଆସିଛି। ମାର୍ଶାଘାଇରେ ଲୁଣାନଦୀ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ବୈତରଣୀ ନଦୀ ବନ୍ୟା ଯୋଗୁଁ କେତେକ ଅଞ୍ଚଳ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଗରଦପୁର ଏବଂ ମାର୍ଶାଘାଇ ବ୍ଲକରେ ବନ୍ୟା ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆଯାଉଛି।